# ଅଭିନବ
# ବୀଜ ଗାଣିତିକ
# ବସ୍ତୁ-ବିଜ୍ଞାନ

( ୧ମ ଭାଗ )



ସଂକଳକ—ଶ୍ରୀ ହରିହର ପ୍ରସାଦ ଶତପଥି

ସଂକଳକ—ଶ୍ରୀ ହରିହର ପ୍ରସାଦ ଶତପଥି

ପ୍ରକାଶକ—ମା ମାର୍କମା

କିଶୋର ସାହିତ୍ୟ ପ୍ରଗତି ମନ୍ଦିର

ବିଷମ କଟକ (କୋରାପୁଟ)

ବିତରକ—ଭାରତୀୟ ସେବା ସଂସ୍ଥା

ଲମାପଦର (କୋରାପୁଟ)

ମୁଦ୍ରଣ— ଶ୍ରୀକୃଷ୍ଣ ପ୍ରିଣ୍ଟିଂ ପ୍ରେସ୍

ମହତାବ ରୋଡ, ଭୁବନେଶ୍ୱର-୨

ଶୁଭମୁକ୍ତି—୨୬-୧-୧୯୯୦

ସହଯୋଗ—ଅନେଶୋତ ପଇସା ମାତ୍ର

# ସଂକଳନ ସଂପର୍କରେ ପଦେ

ଆଜିକାଲି ଅଧିକାଂଶ ଛାତ୍ରଛାତ୍ରୀ ହାଇସ୍କୁଲ୍ ସ୍ତରରେ ଗଣିତରେ କମ ନମ୍ବର ଆଣିବାର ଗୋଟିଏ କାରଣ ହେଉଛି, ଗାଣିତିକ ପ୍ରକ୍ରିୟାଗତ ତଥ୍ୟ ସପର୍କରେ ମୌଳିକ ଜ୍ଞାନର ଅଭାବ । ସଂକଳିତ ବହିଟି ଛାତ୍ରଛାତ୍ରୀ-ମାନଙ୍କର ଉକ୍ତ ଅସୁବିଧା କିଞ୍ଚିତ ଦୂର କରିପାରିଲେ, ଶ୍ରମ ସାର୍ଥକ ହେଲା ବୋଲି ମନେ କରିବ ।

ଏ ପୁସ୍ତିକା ପ୍ରକାଶନ ସକାଶେ ପ୍ରେରଣା ଓ ସହଯୋଗ କରିଥିବା ଯୋଗୁଁ ମୋର ଶ୍ରଦ୍ଧେୟ ବନ୍ଧୁ ଶ୍ରୀ ସରୋଜ କୁମାର ମିଶ୍ର, ଶ୍ରୀ ସଦାନନ୍ଦ ସାହୁ, ଟିଲୁ, ପିଣ୍ଟୁ, ବାବୁଲି ତଥା ମା ମାର୍କମା କିଶୋର ସାହିତ୍ୟ ପ୍ରଚାର ମନ୍ଦିର, ବଷମ କଟକଙ୍କ ନିକଟରେ କୃତଜ୍ଞ ।

ସଂକଳକ

ତା ୨୬।୧।୯୦ ରିଖ,
ସାଧାରଣତନ୍ତ୍ର ଦିବସ

# ସରଳୀକରଣ ପାଇଁ ନିୟମ

୧ ବହୁପଦ ବିଶିଷ୍ଟ ରାଶିରେ +, −, ×, ÷, ର ଓ ( ) ଇତ୍ୟାଦି ଗାଣିତିକ ସଙ୍କେତ ଗୁଡ଼ିକ ଏକତ୍ର ଥିଲେ ସେମାନଙ୍କୁ ବନ୍ଧନୀ (Bracket), ର (Of), ହରଣ (Division), ଗୁଣନ (Multiplication), ମିଶାଣ (Addition), ଓ ଫେଡ଼ାଣ (Subtraction) କ୍ରମରେ ସରଳ କରାଯାଏ । ଏହାକୁ ସଂକ୍ଷେପରେ **BODMAS** (ବଡ୍‌ମାସ) ନିୟମ ବୋଲି ମନେ ରଖାଯାଏ । ଏକାଧିକ ବନ୍ଧନୀ କ୍ଷେତ୍ରରେ ରେଖା ବନ୍ଧନୀ (—), ଚନ୍ଦ୍ରବନ୍ଧନୀ ( ), କୁଟିଳ ବନ୍ଧନୀ { } ଓ ବର୍ଗବନ୍ଧନୀ [ ] କ୍ରମରେ ଅପସାରଣ କରାଯାଏ ।

୨ ବନ୍ଧନୀ ପୂର୍ବରୁ ଯୁକ୍ତ (+) ଚିହ୍ନ ଥିଲେ, ବନ୍ଧନୀ ଅପସାରଣ ପରେ, ବନ୍ଧନୀ ଅନ୍ତର୍ଭୁକ୍ତ ପଦମାନଙ୍କର ଚିହ୍ନ (+, −) ପରିବର୍ତ୍ତିତ ହୁଏ ନାହିଁ ।

୩ ବନ୍ଧନୀ ପୂର୍ବରୁ ବିଯୁକ୍ତ (−) ଚିହ୍ନ ଥିଲେ ବନ୍ଧନୀ ଅପସାରଣ ପରେ ବନ୍ଧନୀ ଅନ୍ତର୍ଭୁକ୍ତ ପଦମାନଙ୍କର ଚିହ୍ନ (+, −) ବଦଳେ ।

୪ ଏକାଧିକ ରାଶିବିଶିଷ୍ଟ ଲବ ଥିବା ଭଗ୍ନାଂଶକୁ ବିଶ୍ଳେଷଣ କରି ନିମ୍ନମତେ ଲେଖିହୁଏ, ଯଥା :—

$$\frac{a \pm b \pm \cdots}{x} = \frac{a}{x} \pm \frac{b}{x} \pm \cdots$$

୫ ବହୁପଦ ବିଶିଷ୍ଟ ରାଶିର କେତେକ (କିମ୍ବା ସମସ୍ତ) ପଦକୁ ନେଇ ବନ୍ଧନୀ ସ୍ଥାପନ କରିବାକୁ ହେଲେ :—

କ) ଯଦି ବନ୍ଧନୀ ପୂର୍ବରୁ ଯୁକ୍ତ (+) ଚିହ୍ନ ରହେ, ତେବେ ବନ୍ଧନୀ ସ୍ଥାପନ ପରେ ବନ୍ଧନୀ ମଧ୍ୟସ୍ଥ ପଦଗୁଡିକର ଚିହ୍ନ ପୂର୍ବଭଳି ରହେ। କିନ୍ତୁ

ଖ) ଯଦି ବନ୍ଧନୀ ପୂର୍ବରୁ ବିଯୁକ୍ତ (−) ଚିହ୍ନ ରହେ, ତେବେ ବନ୍ଧନୀ ସ୍ଥାପନ ପରେ ବନ୍ଧନୀ ମଧ୍ୟସ୍ଥ ସମସ୍ତ ପଦର ଚିହ୍ନ ପରିବର୍ତ୍ତନ ହୁଏ।

## ୬ ସଦୃଶ ପଦମାନଙ୍କରେ ଯୋଗ/ବିୟୋଗ ପାଇଁ ନିୟମ

କ) ସଦୃଶ ପଦମାନଙ୍କର ଚିହ୍ନ ସମାନ ଥିଲେ, (ଉଭୟ + ବା −), ସରଳୀକରଣ ପରେ, ସହଗ ଗୁଡିକର ଯୋଗ ହୁଏ ଏବଂ ଏହି ସରଳୀକୃତ ଫଳରେ ପୂର୍ବ ଚିହ୍ନ ହିଁ ବସେ।

ଖ) ସଦୃଶ ପଦମାନଙ୍କରେ ବିପରୀତ ଗାଣିତିକ ଚିହ୍ନ ଥିଲେ, (ଗୋଟିଏ +, ଅନ୍ୟଟି —) ସରଳୀକରଣ ପରେ, ବୃହତ୍ତର ସହଗରୁ କ୍ଷୁଦ୍ରତର ସହଗ ବିୟୋଗ କରାଯାଇ ଉକ୍ତ ସରଳୀକୃତ ଫଳରେ ବୃହତ୍ତର ସହଗର ଚିହ୍ନ ହିଁ ବସେ ।

[ସଦୃଶ ପଦ—ସମାନ ଘାତାଂକ ବିଶିଷ୍ଟ ଏକା ଅକ୍ଷର ବା ଅକ୍ଷର-ମାନଙ୍କ ଦ୍ୱାରା ଗଠିତ ।
ଅସଦୃଶ ପଦ—ପଦଗୁଡ଼ିକ ଭିନ୍ନ ଅକ୍ଷର ବିଶିଷ୍ଟ ବା ଏକା ଅକ୍ଷରର ଭିନ୍ନ ଘାତାଂକ ବିଶିଷ୍ଟ ହେଲେ ଅସଦୃଶ ଅଟନ୍ତି]

ଗ) ଯେତୋଟି ଅସଦୃଶ ପଦ ଯୋଗ କରାଯିବ, ଯୋଗଫଳ ସେତିକି ପଦ ବିଶିଷ୍ଟ ଗୋଟିଏ ବହୁପଦ ରାଶି ହେବ ।

୭ ସମ ଆଧାର ବିଶିଷ୍ଟ ପଦମାନଙ୍କରେ ଗୁଣନ (କିମ୍ବା ହରଣ) ପାଇଁ ଚିହ୍ନ ସହ ଚିହ୍ନର, ସହଗ ସହିତ ସହଗର ଓ ରାଶିସହ ରାଶିର ଗୁଣନ (କିମ୍ବା ହରଣ) କରାଯାଏ ।

୮ ଏକାପ୍ରକାର ଚିହ୍ନ ଦ୍ୱୟର ଗୁଣଫଳ (କିମ୍ବା ଭାଗଫଳ) = +

୯ ବିପରୀତ ଚିହ୍ନ ଦ୍ୱୟର ଗୁଣଫଳ (କିମ୍ବା ଭାଗଫଳ) = −

୧୦ ସମ ଆଧାର ବିଶିଷ୍ଟ ରାଶିଗୁଡ଼ିକର ଗୁଣନ (କିମ୍ବା ହରଣ)ରେ ସରଳୀକରଣ ପରେ ଆଧାର ଅପରିବର୍ତ୍ତିତ ରହି ଘାତାଂକ ସବୁ ଯୋଗ (କିମ୍ବା ବିୟୋଗ) ହୁଏ । [* ଘାତାଂକ ନିୟମ ଦେଖ]

## ୧୧ ଭଗ୍ନାଂଶଗୁଡ଼ିକର ଯୋଗ/ବିୟୋଗ ପାଇଁ ନିୟମ

କ) ସମ୍ପୃକ୍ତ ଭଗ୍ନାଂଶଗୁଡ଼ିକର ହରମାନଙ୍କର ଲ:ସା:ଗୁ: ନେଲେ ତାହା ସରଳୀକୃତ ଭଗ୍ନାଂଶର ହର ହେବ ।

ଖ) ଉପରୋକ୍ତ ଲ:ସା:ଗୁ:କୁ ପ୍ରଥମ ଭଗ୍ନାଂଶର ହର ଦ୍ଵାରା ଭାଗ କରି ପ୍ରାପ୍ତ ଭାଗଫଳକୁ ସେହି ଭଗ୍ନାଂଶର ଲବରେ ଗୁଣ ।

ଗ) ଏହି ପ୍ରକ୍ରିୟା ଦ୍ଵାରା ସମସ୍ତ ଭଗ୍ନାଂଶରୁ ପ୍ରାପ୍ତ ମୂଲ୍ୟ ଗୁଡ଼ିକରେ ଉକ୍ତ ଚିହ୍ନ ବସାଇ ସରଳ କଲେ, ତାହା ସରଳୀକୃତ ଭଗ୍ନାଂଶର ଲବ ହେବ ।

୧୨ ଗୋଟିଏ ଭଗ୍ନାଂଶକୁ ଅନ୍ୟ ଏକ ଭଗ୍ନାଂଶ (କିମ୍ବା ପୂର୍ଣ୍ଣସଂଖ୍ୟା) ଦ୍ଵାରା ଭାଗ କରିବାକୁ ହେଲେ ପ୍ରଥମ ଭଗ୍ନାଂଶକୁ ଦ୍ଵିତୀୟ ଭଗ୍ନାଂଶର ଅନ୍ୟୋନ୍ୟକ (ଲବ ସ୍ଥାନରେ ହର ଓ ହର ସ୍ଥାନରେ ଲବ ନେଲେ) * ଦ୍ଵାରା ଗୁଣିବାକୁ ପଡ଼େ ।

୧୩ କୌଣସି ଭଗ୍ନାଂଶର ଲବ ଓ ହରକୁ ସମାନ ସମାନ ରାଶି ଦ୍ୱାରା (୦ ବ୍ୟତୀତ) ଗୁଣିଲେ (କିମ୍ବା ହରିଲେ) ଭଗ୍ନାଂଶର ମାନ ପରିବର୍ତ୍ତିତ ହୁଏ ନାହିଁ ।

୧୪ ୦ ସହ କୌଣସି ସଂଖ୍ୟାର ଗୁଣଫଳ ସର୍ବଦା ଶୂନ୍ୟ (୦) ହୁଏ ।

୧୫ କୌଣସି ଭଗ୍ନାଂଶର ଲବ ଶୂନ୍ୟ (୦) ହେଲେ, ଭଗ୍ନାଂଶର ମୂଲ୍ୟ ଶୂନ୍ୟ (୦) ହୁଏ, କିନ୍ତୁ, ହର ଶୂନ୍ୟ (୦) ହେଲେ ଭଗ୍ନାଂଶର ମୂଲ୍ୟ ନିରର୍ଥକ ହୁଏ । ତେଣୁ କୌଣସି ରାଶିକୁ ୦ ଦ୍ୱାରା ଭାଗ କରାଯାଏ ନାହିଁ ।

## ୧୬ ସୂତ୍ରୋପଯୋଗୀ କରିବା ପାଇଁ

ଦତ୍ତ ରାଶିରେ ସମାନ ସମାନ ସଂଖ୍ୟା ଯୋଗ ଓ ବିୟୋଗ କରାଗଲେ/ଦତ୍ତ ରାଶିକୁ ସମାନ ସମାନ ସଂଖ୍ୟା ଦ୍ୱାରା ଗୁଣନ ଓ ହରଣ କରାଗଲେ/ଦତ୍ତ ରାଶିର ବର୍ଗ ବା ବର୍ଗମୂଳ ନେଇ ତାହାକୁ ଯଥାକ୍ରମେ ବର୍ଗମୂଳ ବା ବର୍ଗ ଚିହ୍ନଯୁକ୍ତ କରିଦେଲେ, ଦତ୍ତ ରାଶିର ମୂଲ୍ୟ ପରିବର୍ତ୍ତିତ ହୁଏନାହିଁ ।

## ସମୀକରଣ ପାଇଁ ନିୟମ

୧୭ ସମୀକରଣକୁ ସରଳ ଆକାରରେ ପ୍ରକାଶ କରାଯାଏ । ଅର୍ଥାତ୍ ବନ୍ଧନୀ ବା ଭଗ୍ନାଂଶ ଥିଲେ, ସେଗୁଡ଼ିକୁ ଅପସାରଣ କରାଯାଏ । ଏହାଦ୍ୱାରା ସମୀକରଣର ଉଭୟ ପାର୍ଶ୍ୱରେ ଯୋଗ, ବିୟୋଗ ଚିହ୍ନଯୁକ୍ତ କେତେକ ପଦ ଥିବାର ଦେଖାଯାଏ ।

୧୮ ଅଜ୍ଞାତ ରାଶି ସମ୍ବଳିତ ସମସ୍ତ ପଦ ବାମ ପାର୍ଶ୍ୱକୁ ଓ ଜ୍ଞାତରାଶିର ପଦଗୁଡ଼ିକୁ ଦକ୍ଷିଣ ପାର୍ଶ୍ୱକୁ ପକ୍ଷାନ୍ତର କରାଯାଏ ।

କ) ବାମ ପାର୍ଶ୍ୱର ଏକାଧିକ ଅଜ୍ଞାତରାଶି ସମ୍ବଳିତ ପଦଗୁଡ଼ିକୁ ଏକତ୍ର କରାଯାଇ ଗୋଟିଏ ପଦରେ ପ୍ରକାଶ କରାଯାଏ ଓ

ଖ) ସେହିପରି ଦକ୍ଷିଣ ପାର୍ଶ୍ୱର ଜ୍ଞାତରାଶି ବିଶିଷ୍ଟ ପଦଗୁଡ଼ିକୁ ଏକତ୍ର କରାଯାଏ । ଏହା ଫଳରେ ବାମ ପାର୍ଶ୍ୱରେ ହୁଏତ $\frac{x}{a}$ ବା x ଆକାର ବିଶିଷ୍ଟ ପଦ ମିଳିବ । (a ଜ୍ଞାତରାଶି) ।

୧୯ ଆବଶ୍ୟକ ଅନୁସାରେ ସମୀକରଣର ଦୁଇ ପକ୍ଷକୁ ସମାନ ସମାନ ସଂଖ୍ୟା (କିମ୍ବା ରାଶି) ଦ୍ୱାରା (ଶୂନ୍ୟ ବ୍ୟତୀତ) ଗୁଣାଯାଇ ପାରେ

କିମ୍ବା ହରାଯାଇପାରେ । ସେହିପରି ଉଭୟ ପକ୍ଷରେ ସମାନ ସମାନ ରାଶି ଯୋଗ/ବିୟୋଗ କରାଯାଇପାରେ । ଏହା ବ୍ୟତୀତ ସମୀକରଣର ଉଭୟ ପକ୍ଷର ସମାନ ସମାନ ଘାତ (୦ ଘାତ ବ୍ୟତୀତ) ମଧ୍ୟ ନିଆଯାଇ ପାରେ ।

୬୦ ସମୀକରଣର ବାମପକ୍ଷ କିମ୍ବା ଦକ୍ଷିଣପକ୍ଷକୁ ଯଥାକ୍ରମେ ଦକ୍ଷିଣପକ୍ଷ କିମ୍ବା ବାମପକ୍ଷ ହିସାବରେ ଲେଖିଲେ କୌଣସି ରାଶିର ଚିହ୍ନ ପରିବର୍ତ୍ତନ କରାଯାଏନାହିଁ । କିନ୍ତୁ କୌଣସି ପକ୍ଷରୁ ଏକ ବା ଏକାଧିକ ରାଶି ପକ୍ଷାନ୍ତର କରିବା ବେଳେ ସେଗୁଡ଼ିକ ଅବଶିଷ୍ଟ ରାଶି ସହିତ ଯେଉଁ ଗାଣିତିକ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଥାନ୍ତି, ପକ୍ଷାନ୍ତର ପରେ ଅନ୍ୟ ପକ୍ଷରେ ବିପରୀତ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ହୁଅନ୍ତି ।

ଅର୍ଥାତ୍ :—

କ) ଯୋଗକ୍ରିୟା (+) ଲିପ୍ତରାଶି ପକ୍ଷାନ୍ତର ପରେ ବିୟୋଗ ହୁଏ ।

ଖ) ବିୟୋଗକ୍ରିୟା (−) ଲିପ୍ତରାଶି ପକ୍ଷାନ୍ତର ପରେ ଯୋଗ ହୁଏ ।

ଗ) ସମୀକରଣର ଗୋଟିଏ ପାର୍ଶ୍ୱର ଭାଜକକୁ ଅପସାରଣ କଲେ, ତାହା ଅନ୍ୟ ପାର୍ଶ୍ୱର ଗୁଣନ ହୁଏ ଓ ଗୋଟିଏ ପାର୍ଶ୍ୱର ଗୁଣନକୁ ଅପସାରଣ କଲେ ତାହା ଅନ୍ୟ ପାର୍ଶ୍ୱର ଭାଜକ ହୁଏ ।

୧୦ ସମୀକରଣର ଉଭୟର ପକ୍ଷ ଗୋଟିଏ ଗୋଟିଏ ଭଗ୍ନାଂଶ ହୋଇ ଥିଲେ,ଉଭୟର ଲବ ବା ଉଭୟର ହରରୁ ଗୁଣନାତ୍ମକ ଆକାରରେ ଥିବା ସମାନ ସମାନ ରାଶି (୦ ବ୍ୟତୀତ) ବଦ୍ ଦିଆଯାଇପାରିବ ।

୧୧ ଦୁଇଟି ଭଗ୍ନାଂଶ ସମାନ ହେଲେ, ପ୍ରଥମଟିର ଲବ ଓ ଦ୍ୱିତୀୟଟିର ହରର ଗୁଣଫଳ, ଦ୍ୱିତୀୟଟିର ଲବ ଓ ପ୍ରଥମଟିର ହରର ଗୁଣଫଳ ସଙ୍ଗେ ସମାନ । ଏହି ପ୍ରକ୍ରିୟାକୁ ବଜ୍ରଗୁଣନ କୁହାଯାଏ ।

ଯଥା $\frac{a}{b} = \frac{c}{d}$ ହେଲେ $a \times d = b \times c$ ହେବ ।

୧୩ ଦୁଇଟି ଭଗ୍ନାଂଶ ପରସ୍ପର ସମାନ ହେଲେ, ସେମାନଙ୍କ ଅନ୍ୟୋନ୍ୟାକ * ଦ୍ୱୟ ମଧ୍ୟ ପରସ୍ପର ସମାନ ହେବେ ।

୧୪ ଦୁଇ ବା ତତୋଧିକ ରାଶିର ଗୁଣଫଳ ଶୂନ୍ୟ (୦) ହେଲେ,ତନ୍ମଧ୍ୟରୁ ଅନ୍ତତଃ ଗୋଟିଏ କିମ୍ବା ସମସ୍ତ ରାଶିର ମୂଲ୍ୟ ଶୂନ୍ୟ (୦) ହେବ ।

୧୫ କୌଣସି ଭଗ୍ନାଂଶର ମୂଲ୍ୟ ଶୂନ୍ୟ (୦) ସହ ସମାନ ହେଲେ, ଭଗ୍ନାଂଶର ଲବ ହିଁ ଶୂନ୍ୟ (୦) ସହ ସମାନ ହୁଏ ।

୧୬ a, b, c, d ଅଖଣ୍ଡ ଧନସଂଖ୍ୟା ଏବଂ $a+b=c+d$ ସ୍ଥଳରେ $a > c$ ହେଲେ, $b < d$ ହେବ ।

# ଲ·ସା·ଗୁ/ଗ·ସା·ଗୁ ପାଇଁ ନିୟମ

୨୭ ମିଶ୍ରରାଶି ଗୁଡ଼ିକ ପାଇଁ ରାଶିଗୁଡ଼ିକୁ ଏକଜାତୀୟ ଏକକରେ ପ୍ରକାଶ କରି ତାପରେ ଲ:ସା:ଗୁ/ଗ:ସା:ଗୁ ନିଆଯାଏ ।

୨୮ ବୀଜଗାଣିତିକ ରାଶି (ପଲିନୋମିଆଲ) ମାନଙ୍କରେ ପ୍ରତି ମୌଳିକ ଗୁଣନୀୟକ ପାଇଁ ସର୍ବାଧିକ ଘାତ ବିଶିଷ୍ଟ ସାଧାରଣ ଗୁଣନୀୟକ-ମାନଙ୍କର ଗୁଣଫଳ ନେଲେ ଲ:ସା:ଗୁ ମିଳେ ଏବଂ ଉପରୋକ୍ତ କ୍ଷେତ୍ରରେ ସର୍ବନିମ୍ନ ଘାତ ନେଲେ ଗ:ସା:ଗୁ ମିଳିଥାଏ ।

## ୨୯ ଲ. ସା. ଗୁ.

କ) ଦତ୍ତ ପଦଗୁଡ଼ିକ ମଧ୍ୟରୁ ପ୍ରତ୍ୟେକକୁ ଗୁଣନୀୟକରେ ବିଶ୍ଳେଷଣ କର ।

ଖ) ଦତ୍ତ ରାଶିଗୁଡ଼ିକ ମଧ୍ୟରେ ଥିବା ପ୍ରତ୍ୟେକ ଗୁଣନୀୟକର ସର୍ବାଧିକ ଘାତ ନେଇ, ସେଗୁଡ଼ିକର ଗୁଣଫଳ ନିର୍ଣ୍ଣୟ କର ।

ଗ) ଏହି ଗୁଣଫଳ ଦତ୍ତ ରାଶିମାନଙ୍କର ଲ:ସା:ଗୁ ଅଟେ ।

## ୩୦ ନୂତନ ପଦ୍ଧତିରେ ଲ·ସା·ଗୁ

(କେବଳ ଦୁଇଟି ସଂଖ୍ୟା ପାଇଁ)

ବୃହତ୍ତର ସଂଖ୍ୟାରୁ କ୍ଷୁଦ୍ରତର ସଂଖ୍ୟ ର ବିୟୋଗଫଳ ବାହାର କର । ଉକ୍ତ ବିୟୋଗଫଳକୁ ଲବ, ଓ ବୃହତ୍ତର ସଂଖ୍ୟାକୁ ହର ନେଇ ଗଠିତ ଭଗ୍ନାଂଶକୁ (ଯଦି ସମ୍ଭବ) ଲଘିଷ୍ଠ କର । ବର୍ତ୍ତମାନ ଉପରୋକ୍ତ ଲଘିଷ୍ଠ ଭଗ୍ନାଂଶର ହର ସହିତ ଦତ୍ତ କ୍ଷୁଦ୍ରତର ସଂଖ୍ୟାର ଗୁଣଫଳ ହିଁ ଆବଶ୍ୟକୀୟ ଲ:ସା:ଗୁ । (M.T.ରୁ ସଂଗୃହୀତ)

୩୧ ଦୁଇରୁ ଅଧିକ ସଂଖ୍ୟାମାନଙ୍କର ଗ:ସା:ଗୁ ଯାହା, ସଂଖ୍ୟା ଗୁଡ଼ିକ ମଧ୍ୟରୁ ଯଥାକ୍ରମେ ଦୁଇଦୁଇଟିର ଅନ୍ତରଫଳ ନେଲେ ସେମାନଙ୍କର ଗ:ସା:ଗୁ ମଧ୍ୟ ତାହା ହୁଏ ।

୩୨ ଦୁଇଟି ସଂଖ୍ୟାର (କିମ୍ବା ଭଗ୍ନାଂଶର) ଲ:ସା:ଗୁ ଏବଂ ଗ:ସା:ଗୁର ଗୁଣଫଳ, ଉକ୍ତ ସଂଖ୍ୟାଦ୍ୱୟର (ଭଗ୍ନାଂଶଦ୍ୱୟର) ଗୁଣଫଳ ସହ ସମାନ ।

ଗରିବଙ୍କ ମଧ୍ୟରେ ଯେଉଁମାନେ ଅତ୍ୟନ୍ତ ଗରିବ
ସେମାନଙ୍କର ସେବା କରିବାରେ-
ଆପଣଙ୍କ ସାହାଯ୍ୟ ଓ
ସହଯୋଗ ହିଁ
ଆମର କାମ୍ୟ—

ନିବେଦକ

ଭାରତୀୟ ସେବା ସଂଘ

ଲମାପଦର (କୋରାପୁଟ ଜିଲ୍ଲା)

